# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**9 August – 2025**

---

## ସୁଭଦ୍ରା ଯୋଜନା କିସ୍ତି

କୋରାପୁଟ ଜିଲ୍ଲା ଜୟପୁରରୁ ଆଜି ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ତୃତୀୟ କିସ୍ତି ବଣ୍ଟନ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏକକାଳୀନ କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଅର୍ଥରାଶି ବଣ୍ଟନ କରିବେ। ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ନେଇ ରାଜ୍ୟ ସରକାର ଗତବର୍ଷ ସେପ୍ଟେମ୍ବର ମାସରୁ ଆରମ୍ଭ କରିଥିବା ଏହି ଯୋଜନାରେ ଅଦ୍ୟାବଧି ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଲାଭାନ୍ୱିତ ହୋଇଛନ୍ତି। ଯେଉଁ ମହିଳାମାନେ ବର୍ତ୍ତମାନ ୨୧ ବର୍ଷରେ ପଦାର୍ପଣ କରିଛନ୍ତି ସେମାନେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିପାରିବେ।

## ଅଗଷ୍ଟକ୍ରାନ୍ତି ଦିବସ

ଦେଶପାଇଁ ଅସୀମ ତ୍ୟାଗ ଓ ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରି ତଥା ଭାରତଛାଡ ଆନ୍ଦୋଳନର ସ୍ମୃତି ଉଦ୍ଦେଶ୍ୟରେ ଆଜିର ଦିନକୁ ଦେଶବ୍ୟାପୀ **ଅଗଷ୍ଟ କ୍ରାନ୍ତିଦିବସ** ଭାବେ ପାଳନ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଆରମ୍ଭ ହୋଇଥିବା ଭାରତଛାଡ ଆନ୍ଦୋଳନ ଦେଶର ଇତିହାସର ଦିଗ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଇଂରେଜ ସରକାରଙ୍କ ବିରୁଦ୍ଧରେ ଭାରତଛାଡ ଆନ୍ଦୋଳନ ଏକ ସର୍ବଭାରତୀୟ ଆନ୍ଦୋଳନରେ ପରିଣତ ହୋଇ କ୍ରାନ୍ତିର ରୂପ

ନେଇଥିଲା । ମୁମ୍ବାଇର ଅଗଷ୍ଟକ୍ରାନ୍ତି ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ମନେ ପକାଇ ଅଗଷ୍ଟ ୯ ତାରିଖକୁ ଅଗଷ୍ଟ କ୍ରାନ୍ତିଦିବସ ଭାବେ ପାଳନ କରାଯାଇଥାଏ । ଏହି ଦିବସରେ ଦେଶରେ ବିଭିନ୍ନ ଜାତୀୟତାବୋଧ କାର୍ଯ୍ୟକ୍ରମମାନ ଆଜିଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ପାଳନ କରାଯିବ ।

## ହର୍ ଘର ତ୍ରିରଙ୍ଗା

ଦେଶ ଆସନ୍ତା ୧୫ ତାରିଖରେ ସ୍ୱାଧୀନତାର ୭୮ ବର୍ଷ ପାଳନ କରିବ । ଏହି ଅବସରରେ ହର ଘର ତ୍ରିରଙ୍ଗା ଅଭିଯାନ ଆଜିଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଚାଲିବ । ଜାତୀୟ ପତାକାକୁ ସମ୍ମାନ ଜଣାଇ ପ୍ରତ୍ୟେକ ନାଗରିକ ସେମାନଙ୍କର ଘର ଉପରେ ଜାତୀୟପତାକା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ବ୍ରହ୍ମପୁର ସ୍ଥିତ ରାମଲିଙ୍ଗମ ପାର୍କଠାରୁ ସକାଳ ୮ଟାରେ ଏକ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯାଇଛି । ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତ୍ରିରଙ୍ଗା ଶୋଭାଯାତ୍ରାରେ ଅଂଶଗ୍ରହଣ କରିବେ ।

## ସୁଭଦ୍ରା ଯୋଜନା କିସ୍ତି

କୋରାପୁଟ ଜିଲ୍ଲା ଜୟପୁରରୁ ଆଜି ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ତୃତୀୟ କିସ୍ତି ବଣ୍ଟନ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏକକାଳୀନ କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଅର୍ଥରାଶି ବଣ୍ଟନ କରିବେ । ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ନେଇ ରାଜ୍ୟ ସରକାର ଗତବର୍ଷ ସେପ୍ଟେମ୍ବର ମାସରୁ ଆରମ୍ଭ କରିଥିବା ଏହି

ଯୋଜନାରେ ଅଦ୍ୟାବଧି ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଲାଭାନ୍ୱିତ ହୋଇଛନ୍ତି। ଯେଉଁ ମହିଳାମାନେ ବର୍ତ୍ତମାନ ୨୧ ବର୍ଷରେ ପଦାର୍ପଣ କରିଛନ୍ତି ସେମାନେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିପାରିବେ।

## ଶ୍ରୀମନ୍ଦିର-ରାକ୍ଷୀପୂର୍ଣ୍ଣିମା

ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ ରକ୍ଷା ବନ୍ଧନ ତଥା ଗହ୍ମା ପୂର୍ଣ୍ଣିମୀ ଆଜି ପାଳନ ହେଉଛି। ସମ୍ପୂର୍ଣ୍ଣ ମାନବୀୟ ଚଳଣି ଆଧାରରେ ଶ୍ରୀମନ୍ଦିରରେ ମଧ୍ଯ ମହାପ୍ରଭୁଙ୍କ ପାଇଁ ସ୍ୱତନ୍ତ୍ର ପାଟରେ ବିଶାଳକାୟ ରାକ୍ଷୀର ପ୍ରସ୍ତୁତି ହୋଇଛି। ପାଟରା ବିଷୋୟୀ ସେବକଙ୍କ ଦ୍ୱାରା ପ୍ରସ୍ତୁତ ଏହି ସ୍ୱତନ୍ତ୍ର ରାକ୍ଷୀ ଓ ଗୁଆମାଳ ଭଉଣୀ ସୁଭଦ୍ରା, ବଡ଼ଭାଇ ବଳଭଦ୍ର ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପିନ୍ଧାଇବେ। ମହାପ୍ରଭୁଙ୍କ ଭୋଗମଣ୍ଡପ ନୀତି ଶେଷ ହେବା ପରେ ମଇଲମ କରାଯାଇ ନୂଆ ଲୁଗା ଲାଗି ନୀତି ଅନୁଷ୍ଠିତ ହେବ। ପରେ ପୁଷ୍ପାଳକ ସେବକମାନେ ବଡ଼ଭାଇ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ହାତରେ ସ୍ୱତନ୍ତ୍ର ଭାବେ ନିର୍ମିତ ପାଟରାକ୍ଷୀ ଓ ଗୁଆମାଳ ପିନ୍ଧାଇବାର ପରମ୍ପରା ରହିଛି।

## ସମାବର୍ତ୍ତନ ଉତ୍ସବ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୨୬ତମ ସମାବର୍ତ୍ତନ ଉତ୍ସବ ଆଜି ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୂରଜଙ୍କ ସହିତ ଅନ୍ୟ ମନ୍ତ୍ରୀ ଏବଂ ସାଂସଦ ମାନେ କାର୍ଯ୍ୟକ୍ରମରେ ଯୋଗଦେବେ । ସମାବର୍ତ୍ତନ ଉତ୍ସବରେ ୩୮ଜଣଙ୍କୁ ସ୍ୱର୍ଣ୍ଣପଦକ, ୫୨ଜଣଙ୍କୁ ପିଏଚ୍‌ଡି ଏବଂ

୪ଜଣ ଡି'ଲିଟ୍ ଡିଗ୍ରୀ ପ୍ରଦାନ କରାଯିବା ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି । ଅପରାହ୍ଣରେ ବ୍ରହ୍ମପୁର ସ୍ଥିତ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ-ଆଇଆଇଏସଇଆରର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଯୋଗଦେବେ ।

# ଯାଜପୁର ସମୀକ୍ଷା

ଗୃହ ନିର୍ମାଣ, ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ପାତ୍ର ଗତକାଲି ଯାଜପୁର ଜିଲ୍ଲା ଗସ୍ତରେ ଯାଇ ଯାଜପୁର ମ୍ୟୁନିସିପାଲିଟିର ବିଭିନ୍ନ ୱାର୍ଡ ବୁଲି ଦେଖିଛନ୍ତି। ଯାଜପୁର ଓ ବ୍ୟାସନଗର ମ୍ୟୁନିସିପାଲିଟିରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡିକର ସମୀକ୍ଷା କରିବା ସହିତ ସାଧାରଣ ଲୋକମାନେ କିପରି ସରକାରଙ୍କର ଉନ୍ନୟମୂଳକ କାର୍ଯ୍ୟକ୍ରମଗୁଡିକର ସୁବିଧା ପାଇପାରିବେ, ସେ ସମ୍ବନ୍ଧରେ ଅଧିକ ଯତ୍ନବାନ ହେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ପରାମର୍ଶ ଦେଇଥିଲେ ।

## ଗଙ୍ଗାଧର ମେହେର ଜୟନ୍ତୀ

ଓଡିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିବାରେ ପୁରୁଖା ସାହିତ୍ୟିକଙ୍କ ମଧ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଅନ୍ୟତମ । ପ୍ରକୃତିର ଚିତ୍ରଣରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ଅତ୍ୟନ୍ତ ଉଚ୍ଚକୋଟିର ଥିଲା । ଗଙ୍ଗାଧର ମେହେର ୧୮୬୨ମସିହା ଆଜିର ଦିନରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରଗଡ ଅଞ୍ଚଳର ବରପାଲି ଠାରେ ଜନ୍ମଗ୍ରହଣ କରିଥିଲେ । ଆଲୋକ ଓ ଅମୃତର କବି କୁହାଯାଉଥିବା ଗଙ୍ଗାଧର

ମେହେରଙ୍କ ତପସ୍ୱିନୀ, ପ୍ରଣୟବଲ୍ଲରୀ, ଇନ୍ଦୁମତୀ, କିଚକବଦ୍ଧ ଏବଂ ଅର୍ଘ୍ୟଥାଳୀ କବିତା ଗ୍ରନ୍ଥ ତାଙ୍କର ସାରସ୍ୱତ ସାଧନାର ଅମର ସୃଷ୍ଟି । କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଆଜି ତାଙ୍କର ଜନ୍ମସ୍ଥାନ ବରପାଲି ସହିତ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।